# NATIONAL NEWS BULLETIN (ODIA)

**31 May - 2024**

**Mid Bulletin : 1.50 p.m.**

# ମୁଖ୍ୟ ସମ୍ବାଦ

- ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟ ସାଧାରଣ ନିର୍ବାଚନ ଲାଗି ଆସନ୍ତାକାଲି ୫୭ଟି ସଂସଦୀୟ କ୍ଷେତ୍ରରେ ହେବ ଭୋଟ୍ ଗ୍ରହଣ ।
- ଓଡ଼ିଶାରେ ଆସନ୍ତାକାଲି ଚତୁର୍ଥ ପର୍ଯ୍ୟାୟ ନିର୍ବାଚନରେ ୬ଟି ସଂସଦୀୟ କ୍ଷେତ୍ର ଓ ୪୨ଟି ବିଧାନସଭା ନିମନ୍ତେ ହେବ ମତଦାନ ।
- ଦିଲ୍ଲୀ ଶିଶୁ ଯତ୍ନ କେନ୍ଦ୍ର ଅଗ୍ନିକାଣ୍ଡ ମାମଲାରେ ମାଲିକଙ୍କ ସମେତ ସହଅପରାଧିଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇଲେ କୋର୍ଟ
- ବିହାରରେ ଗ୍ରୀଷ୍ମ ପ୍ରବାହ ଓ ଅଂଶୁଘାତ ଜନିତ ମୃତ୍ୟୁସଂଖ୍ୟା ୨୯କୁ ବୃଦ୍ଧି ।

ଏବଂ

- ତମାଖୁ ସେବନ କୁପରିଣାମର ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ପାଳିତ ହେଉଛି ବିଶ୍ୱ ତମାଖୁ ନିରୋଧ ଦିବସ ।

## ସେଭେନ୍ ଫେଜ୍ ଇଲେକ୍ସନ୍

ଦେଶରେ ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟ ସାଧାରଣ ନିର୍ବାଚନ ଲାଗି ଆସନ୍ତାକାଲି ଭୋଟ ଗ୍ରହଣ କରାଯିବ । ଏଥିଲାଗି ଗତ ସନ୍ଧ୍ୟାରେ ପ୍ରଚାର କାର୍ଯ୍ୟ ଶେଷ ହୋଇଛି । ଏହି ପର୍ଯ୍ୟାୟରେ ୭ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ର

ଶାସିତ ଅଞ୍ଚଳର ମୋଟ୍ ୫୭ଟି ସଂସଦୀୟ କ୍ଷେତ୍ର ଲାଗି ମତଦାନ ହେବ । ସେଥିମଧ୍ୟରେ ଉତ୍ତରପ୍ରଦେଶ ଓ ପଞ୍ଜାବର ୧୩ଟି ଲେଖାଏଁ ଆସନ, ପଶ୍ଚିମବଙ୍ଗର ୯ଟି, ବିହାରର ୮ଟି, ଓଡ଼ିଶାର ୬ଟି, ହିମାଚଳ ପ୍ରଦେଶର ୪ଟି, ଝାଡ଼ଖଣ୍ଡର ୩ଟି ଓ ଚଣ୍ଡିଗଡ଼ କେନ୍ଦ୍ରଶାସିତ ଅଞ୍ଚଳର ଗୋଟିଏ ଲୋକସଭା ଆସନ ଅନ୍ତର୍ଭୁକ୍ତ । ଏହି ପର୍ଯ୍ୟାୟରେ ଲୋକସଭା ଆସନଗୁଡ଼ିକ ଲାଗି ୯୦୪ଜଣ ପ୍ରାର୍ଥୀଙ୍କର ରାଜନୈତିକ ଭାଗ୍ୟ ନିର୍ଦ୍ଧାରଣ ହେବ । ସେମାନଙ୍କ ମଧ୍ୟରେ ଅଛନ୍ତି ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ବିଜେପି ନେତା ତଥା କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର, କଂଗ୍ରେସ ନେତା ବିକ୍ରମାଦିତ୍ୟ ସିଂ ଏବଂ ତୃଣମୂଳ କଂଗ୍ରେସ ନେତା ଅଭିଷେକ ବାନାର୍ଜୀ । ଆସନ୍ତାମାସ ୪ ତାରିଖରେ ସମସ୍ତ ପର୍ଯ୍ୟାୟ ନିର୍ବାଚନର ଭୋଟ ଗଣତି କରାଯିବ ।

# ଓଡ଼ିଶା ଇଲେକ୍ସନ୍

ଓଡ଼ିଶାରେ ଆସନ୍ତାକାଲି ଚତୁର୍ଥ ପର୍ଯ୍ୟାୟ ନିର୍ବାଚନରେ ୬ଟି ସଂସଦୀୟ କ୍ଷେତ୍ର ଏବଂ ଏହା ଅନ୍ତର୍ଗତ ୪୨ଟି ବିଧାନସଭା ଆସନ ଲାଗି ଏକ ସଙ୍ଗେ ମତଗ୍ରହଣ କରାଯିବ । ଏହି ସଂସଦୀୟ କ୍ଷେତ୍ର ଗୁଡ଼ିକ ହେଉଛି ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର, କେନ୍ଦ୍ରାପଡ଼ା, ଭଦ୍ରକ ଓ ଜଗତସିଂହପୁର ।

ଏଥିରେ ୯୯ଲକ୍ଷ ୬୧ହଜାର ୫୭ ଜଣ ମତଦାତା ୧୦ହଜାର ୮୮୨ଟି ଭୋଟଗ୍ରହଣ କେନ୍ଦ୍ରରେ ନିଜର ମତାଧିକାର ସାବ୍ୟସ୍ତ କରିବେ । ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମତଦାନ ହେବ । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାର ଧଳ ଏ ସମ୍ପର୍କରେ ସୂଚନା ଦେଇ

କହିଛନ୍ତି, ଏହି ପର୍ଯ୍ୟାୟ ନିର୍ବାଚନରେ ୧ହଜାର ୪୦୦ରୁ ଅଧିକ ସଖି ବୁଥ୍ କେବଳ ମହିଳା କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହେବ । ମତଦାନ ପ୍ରକ୍ରିୟାକୁ ସୁରୁଖୁରୁରେ ଶେଷ କରିବା ପାଇଁ ୭୨ହଜାର ପୋଲିଂ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି । ରାଜ୍ୟର ଅବଶିଷ୍ଟ ୪୨ଟି ବିଧାନସଭା କ୍ଷେତ୍ର ପାଇଁ ୩୯୪ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ସୁରକ୍ଷା ଦୃଷ୍ଟିରୁ ୧୨୬ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ୍ ବଳକୁ ଷ୍ଟ୍ରଙ୍ଗ୍ ରୁମ୍ ସମେତ ଭୋଟ୍ ଗ୍ରହଣ କେନ୍ଦ୍ର ଗୁଡ଼ିକରେ ମୁତୟନ କରାଯାଇଛି ।

ଏହି ଅନ୍ତିମ ପର୍ଯ୍ୟାୟ ଲୋକସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବିଜେପି ନେତା ପ୍ରତାପ ଷଡ଼ଙ୍ଗୀ, ବିଜେପିର ଜାତୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ଏବଂ କଂଗ୍ରେସର ଶ୍ରୀକାନ୍ତ କୁମାର ଜେନା ଅଛନ୍ତି । ସେହିଭଳି ଏହି ପର୍ଯ୍ୟାୟ ଲୋକସଭା ନିର୍ବାଚନ ସହିତ ରାଜ୍ୟ ବିଧାନସଭା ଲାଗି ହେଉଥିବା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ବିଜେଡ଼ିର ବରିଷ୍ଠ ନେତା ତଥା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଅଶ୍ୱିନୀ ପାତ୍ର, ତୁଷାରକାନ୍ତୀ ବେହେରା, ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ସଭାପତି ନିରଞ୍ଜନ ପଟ୍ଟନାୟକ ଏବଂ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ପ୍ରମୁଖ ରହିଛନ୍ତି ।

## ଇସିଆଇ-ଭୋଟିଂ

ଲୋକସଭା ନିର୍ବାଚନର ଅନ୍ତିମ ପର୍ଯ୍ୟାୟ ମତଦାନ ପୂର୍ବରୁ ମତଦାନ ସଂଖ୍ୟାକୁ ନେଇ ପ୍ରଚାର ହେଉଥିବା ଗୁଜବକୁ ମୁଖ୍ୟ ନିର୍ବାଚନ ଆୟୋଗ ଖଣ୍ଡନ କରିଛନ୍ତି । ଆକାଶବାଣୀ ସମାଚାର ବିଭାଗକୁ ଶ୍ରୀ କୁମାର

କହିଛନ୍ତି, ଦେଶରେ ମତଦାନ ପ୍ରତିଶତ ବୃଦ୍ଧି ପାଇବା ନେଇ ଗୁଜବ ପ୍ରଚାର ହେଉଛି । ସେ କହିଛନ୍ତି, ମତଦାନ ପ୍ରତିଶତ କେବେ ବି ବୃଦ୍ଧି ପାଇପାରିବ ନାହିଁ । ସେ କହିଛନ୍ତି, ପ୍ରତ୍ୟେକ ଭୋଟ ଗ୍ରହଣ କେନ୍ଦ୍ରରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନଙ୍କ ଏଜେଣ୍ଟ ରହୁଥିବା ବେଳେ ସେମାନଙ୍କୁ ପ୍ରିଜାଇଡିଂ ଅଫିସର୍ ୧୭ ସି ଫର୍ମ ପ୍ରଦାନ କରୁଛନ୍ତି । ଯେଉଁଥିରେ ଭୋଟ୍ ଗ୍ରହଣ ଶେଷରେ କେତେ ଭୋଟର ମତଦାନ କଲେ ସେହି ତଥ୍ୟ ଲିପିବଦ୍ଧ ରହୁଛି । ମତଦାନ ସମୟରେ ଇ.ଭି.ଏମ୍.କୁ ନେଇ ହେଉଥିବା ଗୁଜବ ସମ୍ପର୍କରେ ଶ୍ରୀ କୁମାର କହିଛନ୍ତି, ନିର୍ବାଚନ ଆୟୋଗ ତାଙ୍କ ୱେବ୍‌ସାଇଟ୍‌ରେ ମତଦାନ ପ୍ରତିଶତ ଏବଂ ଇ.ଭି.ଏମ୍. ସହ ସମ୍ପର୍କିତ ସମସ୍ତ ସୂଚନା ଦେଇଛନ୍ତି ।

## ଅମିତ ଶାହା-ତିରୁପତି

କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି ନିଜ ପରିବାର ସହ ତିରୁମାଲା ମନ୍ଦିରରେ ପୂଜାର୍ଚ୍ଚନା କରିଛନ୍ତି । ଦର୍ଶନ ସକାଶେ ତାଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା । ଶ୍ରୀ ଶାହା ପ୍ରଭୁ ଶ୍ରୀ ଭେଙ୍କଟେଶ୍ୱରଙ୍କ ଆର୍ଶୀବାଦ ଲାଭ କରିଛନ୍ତି । ପରେ ଶ୍ରୀ ଶାହା ମନ୍ଦିର ପ୍ରାଙ୍ଗଣରେ ଥିବା ରଙ୍ଗାନାୟକୁଲ୍ଲୁ ମଣ୍ଡପରେ ଏକ ବେଦବିଦ୍ୱାନ ମଣ୍ଡଳୀଙ୍କ ଦ୍ୱାରା ବେଦଶିର୍ ବଚନମ୍ ଶ୍ରବଣ କରିଥିଲେ । ମନ୍ଦିରର ଅଧିକାରୀମାନେ ଶ୍ରୀ ଶାହାଙ୍କ ପାଇଁ ସ୍ୱତନ୍ତ୍ର ପ୍ରସାଦ ସେବନର ବ୍ୟବସ୍ଥା କରିଥିଲେ ।

## ଜାମ୍ମୁ କାଶ୍ମୀର-ଗନ୍ ଫାୟାର

ଜାମ୍ମୁ କାଶ୍ମୀରର ପୁଞ୍ଚ୍ ଜିଲ୍ଲାର ବଫ୍ଲିଆଜ୍ ଅଞ୍ଚଳର ମାରାହା ଗ୍ରାମରେ ଗତକାଲି ସନ୍ତ୍ରାସବାଦୀ ଏବଂ ସୁରକ୍ଷାକର୍ମୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା । ଆମ ଜାମ୍ମୁ ସମ୍ବାଦଦାତା କହିଛନ୍ତି ଏହି ଅଞ୍ଚଳରେ କିଛି ସନ୍ଦିଗ୍ଧ ସନ୍ତ୍ରାସବାଦୀ ରହିଥିବା ଖବର ଜାଣି ସୁରକ୍ଷାକର୍ମୀମାନେ ରାତିରେ ଏହି ଅଞ୍ଚଳକୁ ଛାନ୍‌ଭିନ୍ କରିଥିଲେ । ଏହାଛଡ଼ା ପୁଞ୍ଚ୍ ଜିଲ୍ଲାର ସୁରାନକୋଟ୍ ସବ୍‌ଡିଭିଜନର ଡେରାକିଗଲି ଠାରେ ମଧ୍ୟ ପୋଲିସ୍ ଏବଂ ସେନା ତରଫରୁ ଖାନତଲାସ ଅଭିଯାନ ଜାରି ରହିଥିଲା । ଏହାକୁ ଲକ୍ଷ୍ୟ କରି ସନ୍ତ୍ରାସବାଦୀମାନେ ସୁରକ୍ଷାକର୍ମୀଙ୍କ ଉପରେ ପାଲଟା ଗୁଳି ଚାଳନା କରିଥିଲେ । କିଛି ସମୟର ଗୁଳି ବିନିମୟ ପରେ ସନ୍ତ୍ରାସବାଦୀମାନେ ଅନ୍ଧାରରେ ସେ ସ୍ଥାନ ଛାଡ଼ି ଚାଲିଯାଇଥିଲେ । ଇତ୍ୟବସରରେ ସନ୍ଦିଗ୍ଧ ଅପରାଧୀମାନଙ୍କୁ ଧରିବା ନିମନ୍ତେ ଜୋରସୋରରେ ତଲାସି ଅଭିଯାନ ଜାରି ରହିଛି ।

## ଦିଲ୍ଲୀ କୋର୍ଟ

ଦିଲ୍ଲୀ କୋର୍ଟ ବେବି କେୟାର ନିଉବର୍ଣ୍ଣ ହସ୍ପିଟାଲର ମାଲିକଙ୍କ ସମେତ ସହଅପରାଧିଙ୍କୁ ଅଗ୍ନିକାଣ୍ଡ ଜନିତ ୭ ଜଣ ଶିଶୁଙ୍କର ମୃତ୍ୟୁ ଅଭିଯୋଗରେ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି । ହସ୍ପିଟାଲର ମାଲିକ ଡକ୍ଟର ନବୀନ କିଚି ଏବଂ ତାଙ୍କର ଜଣେ ସହକର୍ମୀ ଏହି ଦୁର୍ଘଟଣା ଘଟିବା ପରେ ଗିରଫ ହୋଇଥିଲେ । ଇତିମଧ୍ୟରେ ନବୀନ କିଚି ଏକ ବେଲ୍ ପିଟିସନ୍ ଦାୟର କରିଛନ୍ତି, ଯାହାର ଶୁଣାଣି ଆସନ୍ତା ଜୁନ୍ ୩ ତାରିଖରେ ହେବ । ଦିଲ୍ଲୀ ପୋଲିସ୍ ତଦନ୍ତରୁ ଜାଣିବାକୁ ପାଇଛି ଯେ ଏହି ଘରୋଇ ହସ୍ପିଟାଲର ଲାଇସେନ୍ସ

ଗତ ମାର୍ଚ୍ଚ ମାସ ୩୧ ତାରିଖରେ ସମାପ୍ତ ହୋଇଛି । ଏହାଛଡ଼ା ଏହି ଡାକ୍ତରଖାନାରେ କାର୍ଯ୍ୟରତ ଡାକ୍ତରମାନଙ୍କର ଉପଯୁକ୍ତ ଯୋଗ୍ୟତା ନଥିବା ତଦନ୍ତରୁ ଜଣାପଡ଼ିଛି ।

ଘଟଣାରୁ ପ୍ରକାଶ ଯେ ଏହି ଘରୋଇ ଡାକ୍ତରଖାନାରେ ୧୨ ଜଣ ଶିଶୁ ଏକକାଳୀନ ଚିକିତ୍ସା ନିମନ୍ତେ ଭର୍ତ୍ତି ହୋଇଥିଲେ । ଏବଂ ଅଗ୍ନିକାଣ୍ଡ ଘଟିବା ପୂର୍ବରୁ ଜଣେ ଶିଶୁର ମୃତ୍ୟୁ ହୋଇସାରିଥିଲା । ଏହାପରେ ଅନ୍ୟ ଶିଶୁମାନଙ୍କୁ ପୂର୍ବଦିଲ୍ଲୀସ୍ଥିତ ଆଡଭାନ୍ସ ଏନ୍‌ଆଇସିୟୁ ହସ୍ପିଟାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଛି ।

# ବିଶ୍ୱ ତମାଖୁ ନିରୋଧ ଦିବସ

ତମାଖୁ ସେବନର କୁପରିଣାମ ଓ ହାନିକାରକ ସ୍ୱାସ୍ଥ୍ୟ ସମ୍ବନ୍ଧରେ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଇବା ଉଦ୍ଦେଶ୍ୟ ନେଇ ଆଜି ବିଶ୍ୱ ତମାଖୁ ନିରୋଧ ଦିବସ ପାଳନ କରାଯାଉଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ୧୯୮୮ ମସିହାରୁ ପାଳନ କରାଯାଉଥିବା ଏହି ଦିବସର ଚଳିତବର୍ଷର ବାର୍ତ୍ତା ରହିଛି **ତମାଖୁ ଶିଳ୍ପର ହସ୍ତକ୍ଷେପରୁ ପିଲାମାନଙ୍କୁ ସୁରକ୍ଷା ଦେବା ।** ତମାଖୁରେ ୭ ହଜାରରୁ ଅଧିକ ବିଷାକ୍ତ ପଦାର୍ଥ ରହିଛି । ସେଥିମଧ୍ୟରୁ ୬୦ଟି ପଦାର୍ଥ କର୍କଟ ରୋଗ ସୃଷ୍ଟି କରିଥାଏ । ତମାଖୁ ସେବନ ଦ୍ୱାରା ଫୁସ୍‌ଫୁସ୍ ସଂକ୍ରମଣ, ମୁଖଗହ୍ୱର ଏବଂ ଜିଭରେ କର୍କଟ ରୋଗ ଦେଖାଦେଇଥାଏ । ଗର୍ଭସ୍ଥ ଶିଶୁର ସ୍ୱାସ୍ଥ୍ୟ ଉପରେ ମଧ୍ୟ ତମାଖୁର କୁପ୍ରଭାବ ପଡ଼ିଥାଏ । ଜାତୀୟ ପରିବାର ଓ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅନୁସାରେ ୧୫ ବର୍ଷରୁ ଅଧିକ ବୟସର ବ୍ୟକ୍ତି ୯୮ ଦଶମିକ ୮ ପ୍ରତିଶତ ତମାଖୁ ସେବନ କରୁଥିବା ବେଳେ ୧୫ରୁ ୪୯ ବର୍ଷ ବୟସର ବ୍ୟକ୍ତି ୯୩

ଦଶମିକ ୧/୪ ପ୍ରତିଶତ ତମାଖୁ ସେବନ କରିଥାନ୍ତି । ରାଜ୍ୟରେ ପ୍ରାୟ ପ୍ରତ୍ୟେକ ବର୍ଷ ୩୦ରୁ ୩୫ ହଜାର ଲୋକ ତମାଖୁ ସେବନ କରି କର୍କଟ ରୋଗର ଶିକାର ହେଉଛନ୍ତି ।

## କେଜରିୱାଲ-ଦିଲ୍ଲୀ ୱାଟର କ୍ରାଇସିସ୍

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଆଜି କହିଛନ୍ତି ଗ୍ରୀଷ୍ମଋତୁରେ ଦିଲ୍ଲୀବାସୀଙ୍କ ପାଇଁ ଜଳ ସଂକଟ ଦେଖାଦେଇଛି । ଶ୍ରୀ କେଜରିୱାଲ ବିଜେପି ଶାସିତ ନିକଟବର୍ତ୍ତୀ ରାଜ୍ୟ ହରିଆଣା ଓ ଉତ୍ତରପ୍ରଦେଶ ଏହି ଜଳସଂକଟକୁ ପୂରଣ କରିବା ନିମନ୍ତେ ସହଯୋଗ କରିବାକୁ ନିବେଦନ କରିଛନ୍ତି । ଏକ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ କେଜରିୱାଲ କହିଛନ୍ତି ଚଳିତବର୍ଷ ସାରା ଦେଶ ଗ୍ରୀଷ୍ମକାଳୀନ ଜଳାଭଳବ ଏବଂ ବିଦ୍ୟୁତ୍ ସଂକଟର ସମ୍ମୁଖୀନ ହେଉଛି ।

## ବିହାର-ହିଟ୍ ୱେଭ୍

ବିହାରରେ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଓ ଅଂଶୁଘାତ ହେତୁ ୨୯ ଜଣ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି ଏବଂ ୨୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଅଂଶୁଘାତରେ ପୀଡ଼ିତ ଅଛନ୍ତି । ସରକାରୀ ସୂତ୍ରରୁ ପ୍ରକାଶ ଯେ ଗତ ୨୪ ଘଣ୍ଟା ମଧ୍ୟରେ ଔରଙ୍ଗାବାଦ ଜିଲ୍ଲାରେ ୪୮ ଡିଗ୍ରୀ ସେଲ୍‌ସିୟସରୁ ଊର୍ଦ୍ଧ୍ୱ ତାପମାତ୍ରା ହେତୁ ୧୨ ଜଣଙ୍କର ମୃତ୍ୟୁ ଘଟିଛି । ଏହାଛଡ଼ା ଭୋଜପୁର ଜିଲ୍ଲାର ରୋହତକ ଓ ଜେହାନାବାଦ ଠାରେ ଅନ୍ୟ ୬ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ବକ୍ସାର, ଅରୱାଲ ଓ ନାଳନ୍ଦା ଜିଲ୍ଲାରେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଜଣେ ପୁଲିଂ ଅଧିକାରୀ ଏବଂ ୨ ଜଣ ଗୃହରକ୍ଷୀଙ୍କର ଅଂଶୁଘାତ ଜନିତ

ମୃତ୍ୟୁ ହୋଇଛି । ଏହାଛଡ଼ା ଜେହାନାବାଦ ଅଞ୍ଚଳରେ ୪ ଜଣ ଶିକ୍ଷକଙ୍କର ଅଣନିଶ୍ୱାସୀ ହୋଇ ମୃତ୍ୟୁ ହୋଇଥିବା ଜଣାଯାଇଛି । ଗତ ଗୁରୁବାର ଦିନ ବିହାରର ଅନେକ ଜିଲ୍ଲାରେ ତାପମାତ୍ରା ୪୭ ଡିଗ୍ରୀରୁ ଊର୍ଦ୍ଧ୍ୱ ରହିଥିବା ରେକର୍ଡ କରାଯାଇଛି ।

# ମଣିପୁର-ଫ୍ଲଡ

ମଣିପୁରରେ ଅତ୍ୟଧିକ ବର୍ଷା ହେତୁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଏଥିରେ ଇମ୍ଫାଲ ସହର ତଥା ଏହାର ନିକଟବର୍ତ୍ତୀ ଅଞ୍ଚଳ ବନ୍ୟା ହେତୁ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି । ଏହି ବନ୍ୟାରେ ୩ ଜଣ ବ୍ୟକ୍ତି ମୃତ୍ୟୁବରଣ କରିଥିବା ବେଳେ ଜଣେ ନିଖୋଜ ଥିବା ଜଣାଯାଇଛି । ସେନା ଏବଂ କେନ୍ଦ୍ରୀୟ ବଳ ପକ୍ଷରୁ ନିଖୋଜ ବ୍ୟକ୍ତିଙ୍କୁ ଠାବ କରିବା ଏବଂ ଅନ୍ୟ ବ୍ୟକ୍ତିମାନଙ୍କୁ ନିରାପଦ  ଜାଗାକୁ ସ୍ଥାନାନ୍ତର କରିବାରେ ନିୟୋଜିତ ଅଛନ୍ତି ।